# NATIONAL NEWS BULLETIN (ODIA)

## 4 April - 2026

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- କେରଳମ୍‌ରେ ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ।
- ପଶ୍ଚିମବଙ୍ଗ ମାଲଦାରେ ନ୍ୟାୟିକ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାରେ ଗିରଫ୍ ୨ ଅଭିଯୁକ୍ତଙ୍କୁ ପୋଲିସ୍ ହେପାଜତକୁ ପଠାଇଲେ ନ୍ୟାୟାଳୟ ।

– ମୁକ୍ତ, ସ୍ୱଚ୍ଛ ଏବଂ ନିରପେକ୍ଷ ବିଧାନସଭା ନିର୍ବାଚନ ସୁନିଶ୍ଚିତ କରିବା ଲାଗି ପଶ୍ଚିମବଙ୍ଗର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ନିର୍ବାଚନ ଆୟୋଗ ।

- ମଧ୍ୟପ୍ରାଚ୍ୟରେ ସୃଷ୍ଟ ପରିସ୍ଥିତି ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଦେଇ ମାର୍ଚ୍ଚ ମାସରେ ୨୨୦ଟି ଜାହାଜ ପରିବହନ କରିଥିବା ସୂଚନା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍‌କୁ ୫ ୱିକେଟ୍‌ରେ ପରାସ୍ତ କରିଛି ପଞ୍ଜାବ କିଙ୍ଗସ୍ ।

## କେରଲ- ପୋଲ କ୍ୟାମ୍ପେନିଂ

କେରଳମରେ ନିର୍ବାଚନ ପ୍ରଚାର ପାଇଁ ଆଉ ମାତ୍ର ଚାରି ଦିନ ବାକି ଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ସମେତ ବରିଷ୍ଠ ଜାତୀୟସ୍ତରୀୟ ନେତାମାନେ ପ୍ରଚାର ପାଇଁ ରାଜ୍ୟକୁ ଆସୁଛନ୍ତି।

ବରିଷ୍ଠ ବିଜେପି ନେତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅପରାହ୍ନ ୩ଟାରେ ତିରୁଭଲ୍ଲାରେ ଏନଡିଏ ସାଧାରଣ ବୈଠକରେ ଯୋଗ ଦେବେ। ପରେ ଶ୍ରୀ ମୋଦୀ ଥିରୁଅନନ୍ତପୁରମ୍ ଯାତ୍ରା କରିବେ । ସେଠାରେ ସେ କିଲିପ୍ପଲମରୁ କରମଣା ପର୍ଯ୍ୟନ୍ତ ରୋଡଶୋରେ ଭାଗ ନେବେ।

ବରିଷ୍ଠ କଂଗ୍ରେସ ନେତା ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ଆଲାପୁଝାରେ ୟୁଡିଏଫ୍ ପ୍ରଚାରରେ ଅଂଶଗ୍ରହଣ କରିବେ। ସେ କୋଚି ଏବଂ କୁନ୍ନାଥୁନାଡରେ ମଧ୍ୟ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବେ।

ସିପିଏମ୍ ମହାସଚିବ ଏମ.ଏ. ବେବି ଆଜି କୋଟ୍ଟାୟାମ ଜିଲ୍ଲାରେ ଦଳୀୟ ପ୍ରାର୍ଥିଙ୍କ ସପକ୍ଷରେ ପ୍ରଚାର କରିବେ । ଆସନ୍ତାକାଲି ସେ ତିରୁଭଲ୍ଲାପୁରମରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ । କେନ୍ଦ୍ର ମନ୍ତ୍ରୀ,

ମୁଖ୍ୟମନ୍ତ୍ରୀ, ରାଜ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ଜାତୀୟସ୍ତରୀୟ ନେତାମାନେ ମଧ୍ୟ କେରଳମର ବିଭିନ୍ନ ଜିଲ୍ଲାରେ ପ୍ରଚାର କରୁଥିବା ବେଳେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନୀ ସବା ଓ ରୋଡଶୋ ଆୟୋଜନ କରାଯାଉଛି ।

## ଡବ୍ଲ୍ୟୁବି-ଏନ୍ଆଇଏ

ପଶ୍ଚିମବଙ୍ଗର ମାଲଦାରେ କାଲିୟାଚୋକ ଘଟଣାର ମୁଖ୍ୟ ଅଭିଯୁକ୍ତ ମୋଫାକେରୁଲ ଇସଲାମଙ୍କୁ ୧୪ ଦିନ ଏବଂ ଆକରାମୁଲ ବାଗାନିଙ୍କୁ ୬ ଦିନ ପାଇଁ ପୋଲିସ ହେପାଜତକୁ କୋର୍ଟ ପଠାଇଛନ୍ତି। ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ଭିଡ଼କୁ ଉସୁକାଇବା ଅଭିଯୋଗରେ ଉଭୟଙ୍କୁ ଗିରଫ୍ କରାଯାଇଥିଲା। ପ୍ରତିବାଦକାରୀମାନେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବାକୁ ଦାବି କରୁଥିଲେ ଏବଂ ନ୍ୟାୟିକ ଅଧିକାରୀମାନଙ୍କୁ ନଅ ଘଣ୍ଟାରୁ ଅଧିକ ସମୟ ଧଣି କାର୍ଯ୍ୟାଳୟ ଭିତରେ ପଣବନ୍ଦୀ କରି ରଖିଥିଲେ। ଅଧିକାରୀମାନଙ୍କୁ କୌଣସି ଖାଦ୍ୟ କିମ୍ବା ପାଣି ଦିଆଯାଇନଥିବା ଜଣାପଡ଼ିଥିଲା ।

ଗତ ବୁଧବାର କାଲିୟାଚୋକ-୨ ବିଡିଓ କାର୍ଯ୍ୟାଳୟରେ ସାତ ଜଣ ନ୍ୟାୟିକ ଅଧିକାରୀଙ୍କ ପଣବନ୍ଦୀର ତଦନ୍ତ ପାଇଁ ଏକ ଚାଳିଶ ଜଣିଆ ଏନ୍ଆଇଏ ଦଳ ମାଲଦା ଜିଲ୍ଲାରେ ପହଞ୍ଚିଥିଲା। କେନ୍ଦ୍ରୀୟ ବାହିନୀ

ସେମାନଙ୍କୁ ଉଦ୍ଧାର କରିବା ସମୟରେ ହୋଇଥିବା ଆକ୍ରମଣକୁ ତଦନ୍ତ ଅନ୍ତର୍ଭୁକ୍ତ କରାଯାଇଛି । ଏନଆଇଏ ଦଳ ମୋଟାବାରି ପୋଲିସ ଷ୍ଟେସନରେ ପହଞ୍ଚି ପରେ ବିଡିଓ କାର୍ଯ୍ୟାଳୟ ପରିଦର୍ଶନ କରିଥିଲା ।

## ଇନ୍‌ସରଜେଣ୍ଟସ୍-ମଣିପୁର

ମଣିପୁରରେ ଗତକାଲି ସୁରକ୍ଷା ବାହିନୀ ଟେଙ୍ଗନୋପାଲ ଜିଲ୍ଲାରୁ ଚାରି ଜଣ ବିଦ୍ରୋହୀଙ୍କୁ ଗିରଫ କରିଛି । ଟେଙ୍ଗନୋପୋଲ ଜିଲ୍ଲାର ସୀମାରେଖା ମ୍ୟାଁମାର୍ ସହିତ ରହିଛି । ପୋଲିସ ଅଧିକାରୀ ସୂଚନା ଅନୁଯାୟୀ ଟେଙ୍ଗନୋପାଲ ଜିଲ୍ଲାର ମୋରେହ ପୋଲିସ ଷ୍ଟେସନ ଅନ୍ତର୍ଗତ ୟାଙ୍ଗୋବୁଙ୍ଗ ଗ୍ରାମରୁ ଚାରି ଜଣ ବିଦ୍ରୋହୀଙ୍କୁ ଗିରଫ କରାଯାଇଛି । ସମ୍ପୃକ୍ତ ବିଦ୍ରୋହୀମାନେ ମଣିପୁରର ନ୍ୟାସନାଲ ରିଭୋଲ୍ୟୁସନାରୀ ଫ୍ରଣ୍ଟ, ପିପୁଲ୍ସ ଲିବରେସନ ଆର୍ମି ଏବଂ କାଙ୍ଗଲେଇପାକ୍ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ଅଟନ୍ତି । ଏହି ତିନୋଟି ସଂଗଠନକୁ ପୂର୍ବରୁ ନିଷିଦ୍ଧ ଘୋଷଣା କରାଯାଇସାରିଛି ।

## ଇସି-ଡିରେକ୍ଟିଭସ୍

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀ ପଶ୍ଚିମବଙ୍ଗର

ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, କୋଲକାତାର ପୋଲିସ କମିଶନର, ବିଭାଗୀୟ କମିଶନର, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ, ଆଇଜି, ଜିଲ୍ଲା ମାଜିଷ୍ଟ୍ରେଟ, ସିପି, ଏସ୍ଏସ୍ପି ଏବଂ ଏସ୍ପିଙ୍କୁ ମୁକ୍ତ, ସ୍ୱଚ୍ଛ ଏବଂ ନିରପେକ୍ଷ ବିଧାନସଭା ନିର୍ବାଚନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଭୋଟରମାନଙ୍କୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ନିର୍ବାଚନ ହିଂସା, ଭୟ ଏବଂ ପ୍ରଲୋଭନରୁ ମୁକ୍ତ ହେବା ଉଚିତ। ନିର୍ଦ୍ଦେଶରେ ଏହା ମଧ୍ୟ କୁହାଯାଇଛି ଯେ ନିର୍ବାଚନ ସମୟରେ କୌଣସି ବୁଥ୍ ଜବରଦଖଲ କିମ୍ବା ପ୍ରତିବନ୍ଧକ ସୃଷ୍ଟି କରାଯିବା ଉଚିତ୍ ନୁହେଁ।

## ଫାୟାର୍

ଆବୁଧାବିର ହାବଶାନ ଗ୍ୟାସ୍ କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡ ଯୋଗୁଁ ଏକ ଭଗ୍ନାବଶେଷ ପଡ଼ିଯିବାରୁ ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ଜଣେ ଇଜିପ୍ଟ ନାଗରିକଙ୍କ ମୃତ୍ୟୁ ହୋଇଥିଲାବେଳେ ଅନ୍ୟ ଚାରି ଜଣ ସାମାନ୍ୟ ଆହତ ହୋଇଥିଲେ।

## ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ କ୍ରସିଂ

ଚଳିତ ବର୍ଷ ମାର୍ଚ୍ଚ ମାସରେ ଇରାନ ନିୟନ୍ତ୍ରିତ ହର୍ମୁଜ୍ ପ୍ରଣାଳୀ ଦେଇ ମୋଟ ୨୨୦ଟି ଜାହାଜ ପରିବହନ କରିଥିବା ବେଳେ ସେଥିମଧ୍ୟରୁ ଅଧାରୁ ଅଧିକ ତରଳ ଇନ୍ଧନ ବୋଝେଇ ଟ୍ୟାଙ୍କର୍ ଥିଲା ବୋଲି ସୂଚନା ଦିଆଯାଇଛି । ମାରିନ୍ ଟ୍ରାଫିକ୍ ସାମାଜିକ ଗଣମାଧ୍ୟମରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ୧୧୧ଟି କ୍ରସିଂ କିମ୍ବା ମାସିକ ମୋଟ କ୍ରସିଂର ୫୧ପ୍ରତିଶତ କେବଳ ତରଳ ଟ୍ୟାଙ୍କର୍ ଦ୍ୱାରା କରାଯାଇଥିଲା । ତଥ୍ୟ ଅନୁଯାୟୀ ମାସକ ମଧ୍ୟରେ କୌଣସି ଏଲ୍ଏନ୍ଜି ସେହି ବାଟ ଦେଇ ପରିବହନ କରାଯାଇ ନାହିଁ।

## ୟୁଏନ୍ଏସ୍ସି-ହର୍ମୁଜ୍

ଇରାନ ଆକ୍ରମଣରୁ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳକୁ ସୁରକ୍ଷା ଦେବା ପାଇଁ ପ୍ରତିରକ୍ଷା ଶକ୍ତି ବ୍ୟବହାରକୁ ଅଧିକାର ଦେବା ସମ୍ପର୍କିତ ଭୋଟ୍ ଦାନ ପ୍ରକ୍ରିୟାକୁ ଜାତିସଂଘ ସୁରକ୍ଷା ପରିଷଦ ସ୍ଥଗିତ ରଖିଛି। ବାହାରିନ ଦ୍ୱାରା ଆଗତ ଏକ ପ୍ରସ୍ତାବ ଉପରେ ଗତକାଲି ୧୫ ସଦସ୍ୟ ବିଶିଷ୍ଟ ସଂସ୍ଥା ଭୋଟ୍ ଦାନ ଲାଗି ସ୍ଥିର କରାଯାଇଥିଲା । ତେବେ ଶେଷ ମୁହୂର୍ତ୍ତରେ କାର୍ଯ୍ୟସୂଚୀ ପରିବର୍ତ୍ତନ ହୋଇଥିଲା। ଗତକାଲି ଗୁଡ୍ ଫ୍ରାଇଡେକୁ ଦୃଷ୍ଟିରେ ରଖି ଏହି ପରିବର୍ତ୍ତନ କରାଯାଇଛି । ଜାତିସଂଘ ପକ୍ଷରୁ ଚିଠା

ପ୍ରସ୍ତାବ ଉପରେ ଆଲୋଚନା ଲାଗି କୌଣସି ନୂଆ ତାରିଖ ଘୋଷଣା କରାଯାଇ ନାହିଁ ।

## ଆଫ୍‌ଗାନ୍ କ୍ୱେକ୍

ହିନ୍ଦୁକୁଶ ପର୍ବତମାଳାରେ ଗତକାଲି ୫ ଦଶମିକ୍ ୮ ତୀବ୍ରତାର ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି । ଆଫଗାନିସ୍ତାନ ଏବଂ ପଡ଼ୋଶୀ ପାକିସ୍ତାନର ବିଭିନ୍ନ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା । ଆଫଗାନିସ୍ତାନର ସମ୍ବାଦ ସରୋବରାହ ସଂସ୍ଥା ଅନୁଯାୟୀ ଏହି ଭୂକମ୍ପରେ କେନ୍ଦ୍ରୀୟ କାବୁଲ ପ୍ରଦେଶର ବାଗ୍ରାମି ଜିଲ୍ଲାରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଆହତ ହୋଇଛନ୍ତି । ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସ ଅନୁଯାୟୀ, ଭୂମିକମ୍ପ ୧୮୧ କିଲୋମିଟର ଗଭୀରତାରେ ହୋଇଥିଲା । ଭୂମିକମ୍ପର ତୀବ୍ରତା ୫ଦଶମିକ୍ ୯ ଓ ୫ଦଶମିକ୍ ୮ ମଧ୍ୟରେ ହୋଇଥିବା କୁହାଯାଇଛି ।

## ମେଲୋନି-ସାଉଦି ଭିଜିଟ୍

ଇଟାଲୀ ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନି ଗତକାଲି ଜେଦ୍ଦାରେ ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କୁ ସାକ୍ଷାତ କରିଛନ୍ତି । ସାଉଦି ପ୍ରେସ୍ ଏଜେନ୍ସି ରିପୋର୍ଟ ଅନୁଯାୟୀ, ବୈଠକ ସମୟରେ ଉଭୟ ନେତା

ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଓ ବିକାଶ ନିମନ୍ତେ ଉପଲବ୍ଧ ସୁଯୋଗଗୁଡ଼ିକର ସମୀକ୍ଷା କରିଥିଲେ। ଆଞ୍ଚଳିକ ବିକାଶ, ସାମୁଦ୍ରିକ ଏବଂ ଶକ୍ତି ସୁରକ୍ଷା ଉପରେ ବୃଦ୍ଧି ପାଉଥିବା ସାମରିକ ଆକ୍ରମଣ ଓ ବିଶ୍ୱ ଅର୍ଥନୀତି ଉପରେ ଏହାର ପ୍ରଭାବକୁ ଦୂର କରିବା ଲାଗି ମିଳିତ ପ୍ରୟାସର ଉପରେ ଉଭୟ ନେତା ଗୁରୁତ୍ୱାରୋପ କରିଥିଲେ।

ଜର୍ଜିଆ ମେଲୋନି ଦୁଇ ଦିନିଆ ଉପସାଗରୀୟ ରାଷ୍ଟ୍ର ଗସ୍ତ ଅବସରରେ ଗତକାଲି ସାଉଦି ଆରବରେ ପହଞ୍ଚିଥିଲେ । ଉପସାଗରୀୟ ଅଞ୍ଚଳର କେତେକ ଅଂଶରେ ଇରାନ ଆକ୍ରମଣ ପରେ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଇବା ଏବଂ ଶକ୍ତି ସୁରକ୍ଷା ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ମଧ୍ୟରେ ସେ ଏହି ଗସ୍ତ କରୁଛନ୍ତି । ଗତ ଫେବୃଆରୀ ମାସରୁ ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ଆରମ୍ଭ ହେବା ପରେ କୌଣସି ୟୁରୋପୀୟ ସଂଘ ନେତାଙ୍କ ଏହା ପ୍ରଥମ ସାଉଦି ଆରବ ଗସ୍ତ।

## ଇରାନ୍-ଆକ୍ୟୁଜେସ୍ ଆଇଆଇଏ

ଇରାନ୍‌ର ପରମାଣୁ ଭିତ୍ତିଭୂମି ଉପରେ ସାମରିକ ଆକ୍ରମଣକୁ ପ୍ରତିହତ କରିବାରେ ବିଫଳ ହେବା ପରେ ଏଥିରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ଜଡିତ ଥିବା ଇରାନର ପରମାଣୁ ଶକ୍ତି ସଂଗଠନ ଅଭିଯୋଗ କରିଛି । ସେଠାକାର ସରକାରୀ ଟେଲିଭିଜନ୍‌ରେ ପ୍ରସାରିତ ତଥ୍ୟ

ଅନୁଯାୟୀ ଇରାନ୍ ଦାବି କରିଛି, ସମ୍ପ୍ରତି ଆମେରିକା-ଇସ୍ରାଏଲ ଆକ୍ରମଣ ବିରୋଧରେ କହିବାକୁ ବିଶ୍ୱସ୍ତରୀୟ ପର୍ଯ୍ୟବେକ୍ଷକଙ୍କ ମନା କରିବା ନେଇ ସନ୍ଦେହ ପ୍ରକାଶ ପାଇଛି । ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଥିବା ଏକ ବିବୃତ୍ତି ଅନୁଯାୟୀ ଇରାନ୍ ପରମାଣୁ ଶକ୍ତି ସଂଗଠନର ମୁଖ୍ୟ ମହମ୍ମଦ ଇସ୍‌ଲାମି ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂଗଠନର ନିର୍ଦ୍ଦେଶକ ଜେନେରାଲ ରାଫେଲ ଗ୍ରୋସିଙ୍କ ସହ ନିରନ୍ତର ଯୋଗାଯୋଗ କରିଛନ୍ତି। ଇସଲାମି ଇରାନ୍‌ର ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକୁ ଲକ୍ଷ୍ୟ କରି ହେଉଥିବା ଆକ୍ରମଣକୁ ଅବୈଧ ବୋଲି ଆନୁଷ୍ଠାନିକ ଭାବରେ ନିନ୍ଦା କରିବାକୁ ଅନୁରୋଧ କରିଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

‘ଆକାଶବାଣୀରେ ଲୋକଙ୍କ ପଦ୍ମ’ ଧାରାବାହିକର ପରବର୍ତ୍ତୀ ଭାଗରେ ରାଜସ୍ଥାନର ସ୍ୱାମୀ ବ୍ରହ୍ମଦେବ ଜୀ ମହାରାଜଙ୍କ ସହ ବାର୍ତ୍ତାଳାପ ପ୍ରଚାର କରାଯିବ । ସ୍ୱାମୀ ବ୍ରହ୍ମଦେବ ଜୀ ମହାରାଜଙ୍କୁ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ।

ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ ।

ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ପାଞ୍ଚ ୱିକେଟରେ ଚେନ୍ନାଇ ସୁପର କିଙ୍ଗସ୍‌କୁ ପରାସ୍ତ କରିଛି। ୨୧୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି, ପଞ୍ଜାବ କିଙ୍ଗସ୍ ୧୮ଓଭର ୪ ବଲ୍‌ରେ ପାଞ୍ଚ ୱିକେଟ୍ ହରାଇ ୨୧୦ରନ୍ ସ୍କୋର କରିଥିଲା ।

ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗସ୍ ନିର୍ଦ୍ଧାରିତ ୨୦ ଓଭରରେ ପାଞ୍ଚ ୱିକେଟ୍ ହରାଇ ୨୦୯ ରନ୍ କରିଥିଲା। ଆୟୁଷ ମହାତ୍ରେ ସର୍ବାଧିକ ୭୩ରନ୍ ସ୍କୋର୍ କରିଥିଲେ।

ଆଇପିଏଲ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅପରାହ୍ନ ୩ଟା ୩୦ରେ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ରେ ଗୁଜରାଟର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ  ରାଜସ୍ଥାନ ରୟାଲ୍ସ ଏବଂ ଗୁଜୁରାଟ ଟାଇଟାନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।